ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ,ଦେବଗଡ

# ବିଜ୍ଞାପନ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଜିଲ୍ଲାରେ ଖୋଲାଯିବାକୁ ଥିବା ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଓ ସ୍ୱେଚ୍ଛାସେବୀ ନିୟୋଜନ ସମ୍ପର୍କୀୟ ସବିଶେଷ ବିବରଣୀ www.deogarh.nic.in ରେ ପ୍ରକାଶ ପାଇଛି ।

ଆବେଦନ କରିବାର ଅନ୍ତିମ ତାରିଖ ୨୦.୫.୨୦୧୫ ସମୟ ଅପରାହ୍ନ ୪ ଟା.

ପ୍ରକଳ୍ପ ନିର୍ଦ୍ଦେଶକ

**ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ,ଦେବଗଡ**

**ଶ୍ରମ ଓ ରୋଜଗାର ମନ୍ତ୍ରାଳୟ,ଭାରତ ସରକାର**

**ବିଜ୍ଞାପନ ସଂଖ୍ୟା-** ୪୨ **ତାରିଖ-** ୩୧/୦୪/୨୦୧୮

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଦେବଗଡ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅଧିନରେ ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତ ଗୁଡିକରେ ଶିଶୁ ଶ୍ରମିକ ପ୍ରକଳ୍ପ ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଖୋଲଯିବା ପାଇଁ ନିଷ୍ପତି ହୋଇଛି । ସରକାରଙ୍କ ନିୟମ ଅନୁଯାୟୀ ଗତ ୨୦୧୬ ମସିହାରେ କରାଯାଇଥିବା ଜିଲ୍ଲା ସ୍ତରୀୟ ଶିଶୁ ଶ୍ରମିକ ସର୍ବେକ୍ଷଣ ଓ ଚିହ୍ନଟ ହୋଇଥିବା ଉକ୍ତ ଶିଶୁ ଶ୍ରମିକ ମାନଙ୍କ ବର୍ତମାନ ର ବୟସ କୁ ବିଚାରକୁ ନେଇ ଜିଲ୍ଲାରେ ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବା ପାଇଁ ପ୍ରକଳ୍ପ ପରିଚାଳନା ସମିତି ନିଷ୍ପତି ଗ୍ରହଣ କରିଛନ୍ତି । ପୁନଶ୍ଚ,ପ୍ରକଳ୍ପ ପରିଚାଳନା ସମିତିଙ୍କ ନିଷ୍ପତି ଅନୁଯାୟୀ ପୂର୍ବରୁ କାର୍ଯ୍ୟ କରିଥିବା ସେଚ୍ଛାସେବୀ ମାନଙ୍କ ମଧ୍ୟରୁ ନିର୍ଦ୍ଧାରିତ ଯୋଗ୍ୟତା ଥିବା ବ୍ୟକ୍ତି ମାନଙ୍କୁ ଉକ୍ତ ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଗୁଡିକରେ କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯିବ । ଯେହେତୁ ପୂର୍ବରୁ କାର୍ଯ୍ୟ କରିଥିବା ସେଚ୍ଛାସେବୀ ମାନଙ୍କ ସଂଖ୍ୟା ବର୍ତମାନ ଆବଶ୍ୟକ ଥିବା ସେଚ୍ଛାସେବୀ ସଂଖ୍ୟାଠାରୁ ଯଥେଷ୍ଟ ଅଧିକ ତେଣୁ ପ୍ରକଳ୍ପ ପରିଚାଳନା ସମିତି ନିମ୍ନ ଲିଖିତ କେତୋଟି ମାନଦଣ୍ଡ କୁ ବିଚାରକୁ ନେଇ କେବଳ ଯୋଗ୍ୟ ବିବେଚିତ ସେଚ୍ଛାସେବୀ ମାନଙ୍କୁ କାର୍ଯ୍ୟରେ ଲଗାଇବା ପାଇଁ ସ୍ଥିର କରିଛନ୍ତି । ଯଦି କୋଣସି କାରଣରୁ ଯୋଗ୍ୟ ସେଚ୍ଛାସେବୀ ନମିଳିଲେ ତାହାହେଲେ ସଂପୃକ୍ତ ପଦବୀ ନିମନ୍ତେ ବାହାର ପ୍ରାର୍ଥୀଙ୍କୁ ସୁଯୋଗ ଦିଆଯିବ ।

(୧). ଶ୍ରମ ଓ ରୋଜଗାର ମନ୍ତ୍ରାଳୟ,ଭାରତ ସରକାରଙ୍କ ନିୟମ ଅନୁଯାୟୀ ପ୍ରକଳ୍ପ ର ସମସ୍ତ ନିଷ୍ପତି ଜିଲ୍ଲା ପରିଚାଳନା ସମିତି ନେବେ । ଏହା ଅନ୍ୟ ଜିଲ୍ଲା ରେ କାର୍ଯ୍ୟ କରୁଥିବା ପ୍ରକଳ୍ପ ସହିତ ସମାନ ହେବା ଆବଶ୍ୟକ ନାହିଁ । ଏହି ବିଜ୍ଞାପନ କୁ ନେଇ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କଲେ ସଂପୃକ୍ତ ସେଚ୍ଛାସେବୀଙ୍କ ପ୍ରାର୍ଥୀତ୍ୱ କୁ ସବୁଦିନ ପାଇଁ ବାତିଲ କରାଯିବା ସହିତ ଏହି ବିଜ୍ଞାପନ କୁ ମଧ୍ୟ ସବୁଦିନ ପାଇଁ ବାତିଲ କରିବାର ଅଧିକାର ନିମ୍ନ ସାକ୍ଷରକାରୀଙ୍କର ରହିଛି । ପୁନଶ୍ଚ ବିନା ସୂଚନାରେ ଏହି ବିଜ୍ଞାପନକୁ ଆଂଶିକ ଭାବେ କିମ୍ବା ସମ୍ପୂର୍ଣଭାବେ ବାତିଲ କରିବା ର ଅଧିକାର ନିମ୍ନ ଅଧିକାରୀଙ୍କର ରହିଛି ।

(୨). ନୂତନ ନିୟମ ଅନୁଯାୟୀ ପ୍ରକଳ୍ପ କେନ୍ଦ୍ରର ସମସ୍ତ ତଥ୍ୟ ଯଥା- ଛାତ୍ର ଛାତ୍ରୀ,ସେଚ୍ଛାସେବୀ,ମଧ୍ୟାହ୍ନ ଭୋଜନ,ଷ୍ଟାଇପେଣ୍ଡ, ମାନଦେୟ ଓ ଅନ୍ୟାନ୍ୟ ସମସ୍ତ ତଥ୍ୟ ନିୟମିତ ଭାବେ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ୱେବସାଇଟ ରେ ଅପଲୋଡ ହେବା ଜରୁରୀ । ନଚେତ ଉକ୍ତ କେନ୍ଦ୍ରର କୌଣସି ଆର୍ଥିକ ଅନୁଦାନ ସରକାରଙ୍କଠାରୁ ମିଳି ପାରିବ ନାହିଁ । ଏଥିନିମନ୍ତେ ସଂପୃକ୍ତ କେନ୍ଦ୍ରର ସେଚ୍ଛାସେବୀ ମାନେ ଦାୟୀ ରହିବେ ।

(୩). ପ୍ରକଳ୍ପ ପରିଚାଳନା ସମିତିଙ୍କ ଦ୍ୱାରା ସ୍ଥିର ହୋଇଥିବା ସ୍ଥାନ ଗୁଡିକରେ ଚିହ୍ନଟ ନିର୍ଦ୍ଧାରିତ ସଂଖ୍ୟକ ଶିଶୁ ଶ୍ରମିକ ମାନଙ୍କୁ ନିର୍ଦ୍ଧାରିତ ସମୟରେ ନାମଲେଖାଯାଇ ସେମାନଙ୍କ ସବିଶେଷ ତଥ୍ୟ ପ୍ରକଳ୍ପ କାର୍ଯ୍ୟାଳୟ ରେ ଦାଖଲ କରି ନପାରିଲେ ଉକ୍ତ ପ୍ରଶିକ୍ଷଣ କେନ୍ଦ୍ର କୁ ବିନା ସୂଚନା ରେ ବାତିଲ କରାଯିବା ସହିତ କାର୍ଯ୍ୟ ରେ ଲଗାଯାଇଥିବା ସେଚ୍ଛାସେବୀଙ୍କୁ ମଧ୍ୟ କାର୍ଯ୍ୟ ରୁ ଅବ୍ୟାହତି ଦିଆଯିବ ।

(୪). ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଗୁଡିକର ଅବଧି ଛଅ ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ରହିବ । କିନ୍ତୁ, ନୂତନ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଗଲେ ଏହି ନିୟମ ଲାଗୁ ହେବ ନାହିଁ । ନୂତନ ଭାବେ ଚିହ୍ନଟ ହୋଇଥିବା ଶିଶୁ ଶ୍ରମିକଙ୍କ ସଂଖ୍ୟା କୁ କେନ୍ଦ୍ର ସରକାର ଅନୁମୋଦନ କଲା ପରେ ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଖୋଲା ଯାଇ ପାରିବ । କୌଣସି ସ୍ଥାନରେ ସତନ୍ତ ପ୍ରଶିକ୍ଷଣ କେନ୍ଦ୍ର ବନ୍ଦ ହୋଇଗଲେ କିମ୍ବା ବାତିଲ ହେଲେ କିମ୍ବା ସ୍ଥାନାନ୍ତରଣ ହେଲେ ସଂପୃକ୍ତ ସେଚ୍ଛାସେବୀ ମାନଙ୍କୁ ଅବ୍ୟାହତି ଦିଆଯିବା ସହିତ ନୂତନ ସ୍ଥାନର ସେଚ୍ଛାସେବୀ ମାନଙ୍କୁ କାର୍ଯ୍ୟରେ ଲଗାଯିବ । ସବୁକ୍ଷେତ୍ରରେ ସେଚ୍ଛାସେବୀ ମାନଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ କାର୍ଯ୍ୟ କରିବାକୁ ଦିଆଯିବ । କୌଣସି ପରିସ୍ଥିତିରେ ସ୍ଥାୟୀ ରୂପେ କୌଣସି ସେଚ୍ଛାସେବୀ ଙ୍କୁ କାର୍ଯ୍ୟରେ ଲଗାଯାଇ ପାରିବ ନାହିଁ । ଏଥିନିମନ୍ତେ ଯୋଗ୍ୟ ବିବେଚିତ ସେଚ୍ଛାସେବୀ ମାନେ ପ୍ରକଳ୍ପ ପରିଚାଳନା ସମିତି ଦ୍ୱାରା ନିର୍ଦ୍ଧାରିତ ଏକ ଚୁକ୍ତିନାମା ରେ ଦସ୍ତଖତ କରିବାକୁ ପଡିବ ।

(୫). ସରକାରଙ୍କର ନିୟମ ଅନୁଯାୟୀ ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଗୁଡିକ କେବଳ ସରକାରୀ ଛୁଟୀ ଦିବସରେ(ମାସର ଦ୍ୱିତୀୟ ଶନିବାର ଛୁଟୀ ବ୍ୟତୀତ) ବନ୍ଦ ରହିବ । ସପ୍ତାହର ସମସ୍ତ କାର୍ଯ୍ୟ ଦିବସ ସକାଳ ୧୦ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରହିବ । ଅନ୍ୟ ବିଭାଗର ବିଦ୍ୟାଳୟ ପରି ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଗୁଡିକୁ ଛୁଟୀ ଦିଆଯାଇ ପାରିବ ନାହିଁ । ଗ୍ରୀଷ୍ମ ଋତୁରେ ସତନ୍ତ ପ୍ରଶିକ୍ଷଣ କେନ୍ଦ୍ର ଗୁଡିକରେ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଆସିବାକୁ ଦିଆଯିବ । କୌଣସି ପରିସ୍ଥିତିରେ ସେଚ୍ଛାସେବୀ ମାନେ ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ବନ୍ଦ କରିପାରିବେ ନାହିଁ । ସତନ୍ତ ପ୍ରଶିକ୍ଷଣ କେନ୍ଦ୍ର କୁ ବେଆଇନ ଭାବେ ବନ୍ଦ କରାଗଲେ ସଂପୃକ୍ତ ସମସ୍ତ ସେଚ୍ଛାସେବୀ ମାନଙ୍କ ମାନଦେୟ ମିଳିବ ନାହିଁ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯଦି ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଅଧିକ ଦିନ ପାଇଁ ବନ୍ଦ ରହିଲେ ଉକ୍ତ ଦିନ ପାଇଁ କୌଣସି ମାନଦେୟ ସେଚ୍ଛାସେବୀମାନଙ୍କୁ ମିଳିବ ନାହିଁ । ଛାତ୍ର ଛାତ୍ରୀ ମାନେ କୌଣସି ସ୍ଥାନୀୟ ପର୍ବ ପର୍ବାଣି ଦିନ କେନ୍ଦ୍ର କୁ ନଆସିଲେ ସେଥିପାଇଁ ସେଚ୍ଛାସେବୀ ମାନେ ଦାୟୀ ରହିବେ । ଛାତ୍ର ଛାତ୍ରୀ ମାନେ ନଆସିଲେ ମଧ୍ୟ କେନ୍ଦ୍ର ସମ୍ପୂର୍ଣ୍ଣ ଖୋଲା ରହିବ । କୌଣସି ପରିସ୍ଥିତିରେ ସେଚ୍ଛାସେବୀ ମାନେ କେନ୍ଦ୍ର ବନ୍ଦ କରି ପାରିବେ ନାହିଁ । କୌଣସି ପରିସ୍ଥିତିରେ ସେଚ୍ଛାସେବୀ ମାନଙ୍କ ସନ୍ତାନ ମାନଙ୍କୁ ଶିଶୁ ଶ୍ରମିକ ଦର୍ଶାଯାଇ କେନ୍ଦ୍ରରେ ନାମ ଲେଖାଯାଇ ପାରିବ ନାହିଁ କିମ୍ବା କୌଣସି ସେଚ୍ଛାସେବୀ ମାନଙ୍କର ସମ୍ପର୍କୀୟ ମାନେ ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟକୁ ପ୍ରବେଶ କରି କେନ୍ଦ୍ର ର କାର୍ଯ୍ୟକ୍ରମରେ ହସ୍ତକ୍ଷେପ କରିପାରିବେ ନାହିଁ । ଏଥିରେ ଅବହେଳା କଲେ ବିନା ସୂଚନା ରେ ସଂପୃକ୍ତ ସେଚ୍ଛାସେବୀଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯିବ ।

(୬). ସ୍ୱେଚ୍ଛାସେବୀ ମାନେ ଅଭିଭାବକ ମାନଙ୍କୁ ବୁଝାଇ ପ୍ରତ୍ୟେକ ଦିନ ସେମାନଙ୍କ ସନ୍ତାନ ମାନଙ୍କୁ ସତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର କୁ ଆଣିବାକୁ ଚେଷ୍ଟା କରିବେ । ଏହି ଅନୁଷ୍ଠାନ ଅନ୍ୟ ସାଧାରଣ ବିଦ୍ୟାଳୟ ମାନଙ୍କଠାରୁ ସତନ୍ତ୍ର । ତେଣୁ କୌଣସି ପରିସ୍ଥିତିରେ ଅନ୍ୟ ବିଦ୍ୟାଳୟ ଗୁଡିକ ସହିତ ଏହାର ତୁଳନା କରାଯିବ ନାହିଁ କି ଅନ୍ୟ ବିଦ୍ୟାଳୟରେ ମିଳୁଥିବା ସୁବିଧା ସୁଯୋଗ ଏଠାରେ ଦାବୀ କରାଯାଇ ପାରିବ ନାହିଁ। ଯେହେତୁ ଏହା ଏକ ଚାକିରୀ ନୁହେଁ ବରଂ ଏହା ଏକ ସ୍ୱେଚ୍ଛାସେବୀ କାର୍ଯ୍ୟ ତେଣୁ ଯେଉଁ ସ୍ୱେଚ୍ଛାସେବୀ ମାନେ ଅନ୍ୟ ବିଭାଗ/ବିଦ୍ୟାଳୟ/ଅନୁଷ୍ଠାନ ପରି ସୁବିଧା ସୁଯୋଗ,ଦରମା,ଛୁଟୀ କିମ୍ବା ସ୍ଥାୟୀ ନିଯୁକ୍ତି ଚାହାନ୍ତି ସେମାନେ ଅନ୍ୟତ୍ର ଚାକିରୀ କରିପାରିବେ ଏବଂ ଏହି ବିଜ୍ଞାପନ ଅନୁଯାୟୀ ଆବେଦନ କରିବା ଆବଶ୍ୟକ ନାହିଁ ।

(୭) ପ୍ରତ୍ୟେକ ସ୍ୱେଚ୍ଛାସେବୀ ମାନଙ୍କୁ କେବଳ ବାର୍ଷିକ ପନ୍ଦର ଦିନ ମାନଦେୟ ସହିତ ଛୁଟୀ ମିଳିବ । କିନ୍ତୁ ଉକ୍ତ ଛୁଟୀ ନିମନ୍ତେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଠାରୁ ଲିଖିତ ଭାବେ ପୂର୍ବରୁ ଅନୁମତି ନେବା ଆବଶ୍ୟକ । ପୂର୍ବରୁ ଅନୁମତି ନନେଇ କାର୍ଯ୍ୟରେ ଅନୁପସ୍ଥିତ ରହିଲେ ସଂପୃକ୍ତ ସ୍ୱେଚ୍ଛାସେବୀଙ୍କର ଅନୁପସ୍ଥିତ ଦିବସ ର ମାନଦେୟ ସହିତ ତାଙ୍କୁ ସହଯୋଗ କରିଥିବା ସଂପୃକ୍ତ କେନ୍ଦ୍ରର ଅନ୍ୟ ସ୍ୱେଚ୍ଛାସେବୀଙ୍କର ମାନଦେୟ ମଧ୍ୟ ଉକ୍ତ ଦିବସ ପାଇଁ ବାତିଲ କରାଯିବ ।

(୮) ଉପରଲିଖିତ ସମସ୍ତ ସର୍ତାବଳୀ ରେ ରାଜୀଥିବା ଆଗ୍ରହୀ ଓ ଯୋଗ୍ୟ ବ୍ୟକ୍ତିମାନେ ନିର୍ଦ୍ଧାରିତ ଆବେଦନ ପତ୍ର ରେ ଆଗ୍ରହୀଥିବା ପଦବୀ, ଶିକ୍ଷାଗତ ଯୋଗ୍ୟତା(ମାଟ୍ରିକଠାରୁ ସ୍ନାତକ ପର୍ଯ୍ୟନ୍ତ), ଜନ୍ମ ତାରିଖ ଓ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ କୁ ଉପସ୍ଥାପନ କରି ନିଜ ସାକ୍ଷରଥିବା ସମସ୍ତ ଶିକ୍ଷା ଓ ଅଭିଜ୍ଞତା ପ୍ରମାଣପତ୍ର, ମାର୍କସିଟ, ପୂର୍ବ ନିଯୁକ୍ତି ପ୍ରମାଣ ପତ୍ର, ବାସିନ୍ଦା ପ୍ରମାଣ ପତ୍ର ଓ ଅନ୍ୟାନ୍ୟ ସମସ୍ତ ପ୍ରମାଣ ପତ୍ର କୁ ସଂଲଗ୍ନ କରି ରେଜେଷ୍ଟ୍ରି ଡାକ ଯୋଗେ ନିମ୍ନ ସାକ୍ଷରକାରୀ ଙ୍କ କାର୍ଯ୍ୟାଳୟ କୁ ଆସନ୍ତା ତାରିଖ ୨୦/୦୬/୨୦୧୮ ସୁଦ୍ଧା ଅଫିସ ସମୟ ମଧ୍ୟରେ ଆବେଦନ କରି ପାରିବେ । ଅନ୍ୟ କୌଣସି ଉପାୟରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । କୋଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟିକଲେ ସଂପୃକ୍ତ ପ୍ରାର୍ଥୀଙ୍କର ଆବେଦନ କୁ ବାତିଲ କରାଯିବା ସହିତ ଆବଶ୍ୟକ ସ୍ଥଳେ ଏହି ପତ୍ର କୁ ମଧ୍ୟ ବିନା ସୂଚନାରେ ସବୁଦିନ ପାଇଁ ବାତିଲ କରାଯିବ ।

<u>ମାନଦଣ୍ଡ</u>

୧. ଶିଶୁଶ୍ରମିକ ଙ୍କ ନିର୍ଦ୍ଧାରିତ ସଂଖ୍ୟା ଓ ଅବସ୍ଥିତି କୁ ବିଚାର କୁ ନେଇ ସଂପୃକ୍ତ ଗ୍ରାମରେ କେନ୍ଦ୍ର ଖୋଲାଯିବ ।

୨. ସ୍ୱେଚ୍ଛାସେବୀ ଶିକ୍ଷକ ନିମନ୍ତେ ସେହି ପଂଚାୟତ ର ପ୍ରାର୍ଥୀ ଯିଏକି କେବଳ ସରକାରୀ ବିଶ୍ୱବିଦ୍ୟାଳୟ ରୁ ବି.ଏ/ବି.ଏସସି/ବି.କମ ପାଶ କରିଥିବେ ଓ ସର୍ବାଧିକ ନମ୍ବର(ମାଟ୍ରିକଠାରୁ ସ୍ନାତକ ପର୍ଯ୍ୟନ୍ତ) ରଖିଥିବେ ସେମାନେ କେବଳ ଯୋଗ୍ୟ ବିବେଚିତ ହେବେ । ସଂପୃକ୍ତ

ପଂଚାୟତରେ ଯୋଗ୍ୟ ପ୍ରାର୍ଥୀ ନ ମିଳିଲେ ଅନ୍ୟ ପଂଚାୟତରୁ ଉପରୋକ୍ତ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥୀଙ୍କୁ କାର୍ଯ୍ୟରେ ଲଗାଯିବ ।

୩. ସ୍ୱେଚ୍ଛାସେବୀ ଧନ୍ଦାମୂଳକ ପ୍ରଶିକ୍ଷକ ନିମନ୍ତେ +୨ ପାଶ କରିଥିବା ସହିତ କେବଳ ସ୍ୱିକୃତ ହୋଇଥିବା ଟ୍ରେଡରେ ସରକାରୀ ଆଇଟିଆଇ/ସରକାରୀ ଅନୁଷ୍ଠାନ ରୁ ପ୍ରଶିକ୍ଷଣ ଗ୍ରହଣ କରିଥିବା ପ୍ରାର୍ଥୀମାନଙ୍କୁ ପ୍ରତି ତିନୋଟି କେନ୍ଦ୍ର ପାଇଁ ଜଣଙ୍କୁ କାର୍ଯ୍ୟରେ ଲଗାଯିବ । ସେମାନେ ପ୍ରକଳ୍ପର ନିର୍ଦ୍ଦେଶାନୁଯାୟୀ ନିର୍ଦ୍ଧାରିତ କେନ୍ଦ୍ର ଗୁଡିକରେ ପ୍ରଶିକ୍ଷଣ ଦେବେ ।

୪. ସ୍ୱେଚ୍ଛାସେବୀ କିରାଣୀ ନିମନ୍ତେ କେବଳ ସଂପୃକ୍ତ ପଂଚାୟତ ର +୨ ପାଶ କରିଥିବା ଓ ସର୍ବାଧିକ ନମ୍ବର( ମାଟ୍ରିକଠାରୁ +୨ପର୍ଯ୍ୟନ୍ତ) ରଖିଥିବା ପ୍ରାର୍ଥୀ ଯୋଗ୍ୟ ବିବେଚିତ ହେବେ । ସଂପୃକ୍ତ ପଂଚାୟତରେ ଯୋଗ୍ୟ ପ୍ରାର୍ଥୀ ନ ମିଳିଲେ ନିକଟସ୍ଥ ପଂଚାୟତରୁ ଉପରୋକ୍ତ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥୀଙ୍କୁ କାର୍ଯ୍ୟରେ ଲଗାଯିବ ।

୫. ସ୍ୱେଚ୍ଛାସେବୀ ହେଲପର ନିମନ୍ତେ ସଂପୃକ୍ତ ପଂଚାୟତ ର ପ୍ରାର୍ଥୀ ( ସର୍ବାଧିକ ଯୋଗ୍ୟତା ଓ ନମ୍ବର ରଖିଥିବା) ଯୋଗ୍ୟ ବିବେଚିତ ହେବେ । ସଂପୃକ୍ତ ପଂଚାୟତରେ ଯୋଗ୍ୟ ପ୍ରାର୍ଥୀ ନ ମିଳିଲେ ଅନ୍ୟ ପଂଚାୟତରୁ ଉପରୋକ୍ତ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥୀଙ୍କୁ କାର୍ଯ୍ୟରେ ଲଗାଯିବ ।

୬. ଆବେଦନ ପତ୍ର ପଠାଇବାର ଠିକଣା- ପ୍ରକଳ୍ପ ନିର୍ଦ୍ଦେଶକ,ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ,ମଠସାହି,ଦେବଗଡ-୭୬୮୧୦୮ । ଆବେଦନ ପତ୍ର ସହିତ ନିଜ ଠିକଣା ଲେଖାଥିବା ଓ ଟ୨୨/- ର ଡାକଟିକଟ ସଂଲଗ୍ନ କରିବେ ।

୭. କେନ୍ଦ୍ର ଖୋଲିବାକୁ ଥିବା ପଂଚାୟତ ଗୁଡିକ ହେଲା ତିଳେଇବଣି,ଟାଇଁସର,ବୁଢାପାଳ,କଂଟାବାହାଳ,ଗୁରୁସଙ୍ଗ,ଦଣ୍ଡାସିଙ୍ଘା,ସରୁଆଳି ଓ ବଲଣ୍ଡା ।

୮. ପ୍ରାର୍ଥି/ପ୍ରାର୍ଥିନୀଙ୍କ ବୟସ ସୀମା ୦୧/୦୪/୨୦୧୮ ତାରିଖ ସୁଦ୍ଧା ୫୦ ବର୍ଷରୁ କମ ହୋଇଥିବା ଆବଶ୍ୟକ ।

୯. ଖୋଲାଥିବା ପଦବୀ ର ବିବରଣୀ-

| ପଦବୀର ନାମ | ଆନୁମାନିକ ପଦବୀ ସଂଖ୍ୟା | ମାସିକ ମାନଦେୟ |
|---|---|---|
| ସ୍ୱେଚ୍ଛାସେବୀଧନ୍ଦାମୂଳକ ପ୍ରଶିକ୍ଷକ (ଛତୁଚାଷ,ପ୍ରେସଖଲିଦନାତିଆରି,ଇଲେକ୍ଟ୍ରିକାଲ,ମୋବାଇଲ ଓ ଟିଭି ମରାମତି) | ୪ | ୯୦୦୦/- |
| ସ୍ୱେଚ୍ଛାସେବୀ ଶିକ୍ଷକ | ୨୪ | ୭୦୦୦/- |
| ସ୍ୱେଚ୍ଛାସେବୀ କିରାଣୀ | ୧୨ | ୫୦୦୦/- |
| ସ୍ୱେଚ୍ଛାସେବୀ ହେଲପର | ୧୨ | ୩୭୦୦/- |

ଉକ୍ତ ପଦବୀର ସଂଖ୍ୟା ଆବଶ୍ୟକସ୍ଥଳେ କମ ଓ ବେଶୀ କରିବାର ଅଧିକାର ନିମ୍ନ ସାକ୍ଷରକାରୀଙ୍କ ଅଛି ।

ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ, ଶ୍ରମ ଓ ରୋଜଗାର ମନ୍ତ୍ରାଳୟ,ଭାରତ ସରକାର,ଦେବଗଡ

(ସେଚ୍ଛାସେବୀ ନିୟୋଜନ ପାଇଁ ଆବେଦନ ପତ୍ର)

୧. ଆବେଦନ କରୁଥିବା ପଂଚାୟତ ର ନାମ-

୨.ଆବେଦନ କରୁଥିବା ପଦବୀ ର ନାମ-

ଫୋଟୋ

୩.ଆବେଦନ କରୁଥିବା ପ୍ରାର୍ଥୀଙ୍କ ର ନାମ

୪. ପିତା/ସାମୀଙ୍କ ର ନାମ

୫. ସ୍ଥାୟୀ ଠିକଣା

୬. ବର୍ତ୍ତମାନର ଠିକଣା

୭. ଜନ୍ମ ତାରିଖ ଓ ୦୧/୦୪/୨୦୧୮ ସୁଦ୍ଧା ବୟସ

୮. ମୋବାଇଲ ନମ୍ବର ଓ ଇମେଲ ଠିକଣା

୯. ଶିକ୍ଷାଗତ ଯୋଗ୍ୟତା

| ଉତୀର୍ଣ୍ଣ ହୋଇଥିବା ପରୀକ୍ଷା ର ନାମ | ବୋର୍ଡ/ବିଶ୍ୱ ବିଦ୍ୟାଳୟ | ପାସ କରିଥିବା ବର୍ଷ | ପୂର୍ଣ୍ଣ ସଂଖ୍ୟା/ନମ୍ବର | ପାଇଥିବା ନମ୍ବର |
|---|---|---|---|---|
| | | | | |
| | | | | |
| | | | | |
| | | | | |
| | | | | |

୧୦. ଆଧାର ନମ୍ବର

୧୧. ପୂର୍ବରୁ ପ୍ରକଳ୍ପ ରେ କାର୍ଯ୍ୟ କରିଥିବା ପଦବୀ ଓ କେନ୍ଦ୍ର ର ନାମ ଓ ତାରିଖ

୧୨. ବ୍ୟାଙ୍କ ଖାତା ନମ୍ବର ଓ ଶାଖା ର ନାମ

୧୩. ଧନ୍ଦାମୂଳକ ପ୍ରଶିକ୍ଷକ ପଦବୀ ନିମନ୍ତେ ସରକାରୀ ପ୍ରଶିକ୍ଷଣ ଅନୁଷ୍ଠାନ ର ନାମ ଓ ପ୍ରଶିକ୍ଷଣ ବର୍ଷ

ସଂପୂର୍ଣ୍ଣ ଦସ୍ତଖତ ଓ ତାରିଖ